# ଆଇଆଇଟିରେ ରାଷ୍ଟ୍ରୀୟ ବିଜ୍ଞାନ ଦିବସ



ଜଟଣୀ, ୨୮/୨(ଇମିସ): ଅରଗୁଳସ୍ଥିତ ଆଇଆଇଟି ଭୁବନେଶ୍ୱରରେ ଆଜି ଜାତୀୟ ବିଜ୍ଞାନ ଦିବସ ଓ ନବମ ଗବେଷଣା ବିଦ୍ୟାର୍ଥୀ ଦିବସ ପାଳିତ ହୋଇଯାଇଛି। ଭାରତରେ ଆଇଆଇଟି ଭଳି ଗଢ଼ି ଉଠିଥିବା ଉନ୍ନତମାନର ଗବେଷଣା ଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ଅଧ୍ୟୟନରତ ବିଦ୍ୟାର୍ଥୀମାନେ ନିଜର ଜ୍ଞାନ ଜରିଆରେ ଭାରତର ବିଜ୍ଞାନ କ୍ଷେତ୍ରରେ ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ବୋଲି ବକ୍ତାମାନେ ମତ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇସ୍ରୋର ଦକ୍ଷତାବୃଦ୍ଧି କାର୍ଯ୍ୟକ୍ରମ କାର୍ଯ୍ୟାଳୟର ନିର୍ଦ୍ଦେଶକ ତଥା ବିଶିଷ୍ଟ ବୈଜ୍ଞାନିକ ଡ. ପିଭି ଭେଙ୍କଟାକ୍ରିଷ୍ଣା ଯୋଗ ଦେଇଥିଲେ। ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଆର୍ ଭି ରାଜାକୁମାର ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ଆଇଆଇଟି ଏକାଡେମିକ୍ ଡିନ୍ ପ୍ରଫେସର ପ୍ରଭାତ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗବେଷଣାରତ ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ଏକ ପୋଷ୍ଟର୍ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏଥିରେ ସୁମନ ମଲ୍ଲିକ୍, ଅଦିତ୍ ନାୟକ ଏବଂ ପିଣ୍ଟୁ ପୃଷ୍ଟି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମଗୁଡ଼ିକୁ ଡିନ୍ ପ୍ରଫେସର ଡ, ରବୀନ୍ଦ୍ର କୁମାର ପଣ୍ଡା, କୁଳ ସଚିବ ଡ. ଦେବରାଜ ରଥ, ରାଜେଶ ରୋଶନ ସାହୁ ପ୍ରମୁଖ ପରିଚାଳନା କରିଥିଲେ।